ପଦଧ୍ୱନି

କବି ରଘୁନାଥ ଦାସ

(ଶ୍ରୀ ସଚ୍ଚି ରାଉତଙ୍କ ' ପଦଧ୍ୱନି' କବିତା ପଢ଼ି)

ଯାହାର ଏ ପଦଧ୍ୱନି ଶୁଣାଯାଏ ଉତ୍ତର ମେରୁରେ

ମାଞ୍ଚୁରିଆ ଖେତେ ଖେତେ, ୟାଂସୀତଟେ, ଇରାବତୀ କୂଳେ,

ସାଇଗନ୍ ଉପକଣ୍ଠେ, ଇନ୍ଦୋନେଶା, ଉତ୍ତ୍ୟକ୍ତ ମାଳୟେ,

ଯାହାର ଉନ୍ନତ ଧ୍ୱଜା ଉଡ଼ିଉଠେ ତ୍ରସ୍ତ ହିମାଳୟେ,

ଯା' ପଥେ ମଶାଲ ତେଜେ ସମ୍ମିଳିତ ଦକ୍ଷିଣ ଆଫ୍ରିକା,

ଅଷ୍ଟ୍ରେଲିଆ ନାବିକର ନେତ୍ରେ ନେତ୍ରେ ଯା' ଲାଗି ପ୍ରତୀକ୍ଷା,

ଅବାହନ ଗୀତ ଯାର ଶୁଭେ ଶୁଭେ ଲକ୍ଷକୋଟି ଜିଭେ,

ଜାଣେ ଜାଣେ ସେମାନେ ଆସିବେ।

ଋଣଦାୟେ ସର୍ବସ୍ୱାନ୍ତ ହାଡ଼ମାଳ ଖେତ-ମଜୁରିଆ

ଯା' ଲାଗି ବାନ୍ଧିଚି ଆଣ୍ଠୁ କାଲି ପୁଣି କରିବ ଉଠିଆ

ଯେତେକ ପଡ଼ିଆ ଭୂଇଁ, ଫଳାଇବ ପ୍ରଚୁର ଫସଲ

ଆପଣାର ମେରୁମୂଳେ ଷୋଳପଣ କରିବ ଅମଳ;

ଅର୍ଦ୍ଧରାତ୍ରେ ଶ୍ରମଜୀବୀ ପଢ଼େ ଯା'ର ବେଆଇନ ଭାଷା

ସଂଗୋପନେ, ପଢ଼େ ଆଉ ପ୍ରାଣ ପୋଷେ ସଂଜୀବିତ ଆଶା।

www.jatayu.org

ପଦଧ୍ୱନି

କବି ରଘୁନାଥ ଦାସ

ସେ ଦିନରେ, ଯେବେ ତା'ର ହେବ ଏହି କଳକାରଖାନା

ସାହୁକର ହାତୁଁ ଭିକ୍ଷା କରିବନି ଆପଣାର ଦାନା;

ଯାହାର ସ୍ୱାଗତ ଫୁଟେ ଜନତାର ସହସ୍ର ବିକ୍ଷୋଭେ,

ଜାଣେ ଜାଣେ ସେମାନେ ଆସିବେ।

ସେମାନେ ଆସିବେ

ହିମଗିରି ଦୃପ୍ତବାଧା ଲଙ୍ଘି, ଚିରି ବିନ୍ଧ୍ୟାଚଳ ବକ୍ଷ;

ଅଗଣିତ ଜନତାର ଅଗ୍ରଗାମୀ ଆସିବେ ଅସଂଖ୍ୟ;

ଆସିବେ ଆକାଶ ପଥେ, ଜଳସ୍ରୋତ, ଗହନେ ଜଙ୍ଗଲେ,

ସମୁଦ୍ର ଲହଡ଼ି କାଟି, ଦୀର୍ଣ୍ଣ କରି ହଜାର ଜିହଲେ,

ଆସିବେ ନବୀନୋଚ୍ଛ୍ୱାସେ ଯୁଗାନ୍ତର ବନ୍ଧନ ତୁଟାଇ,

ଆସିବେ ମୁକ୍ତିର ଗାନ କଣ୍ଠେ କଣ୍ଠେ ଲହର ଛୁଟାଇ,

ବିଷର୍ଣ୍ଣ ବିଶ୍ୱକୁ ଛାଇ ଅପୂର୍ବ ବିଭବେ,

ସେମାନେ ଆସିବେ।

ଆଗେ ଏ ଯେ ନିବିଡ଼ ରାତିର କଳାଝଡ଼ ଫୁଲି ଫୁଲି ଉଠେ...

ସମ୍ମୁଖରେ କୁହାଟେ ମୃତ୍ୟୁ;ଦେଖେ ଶୁଣେ, ନାହିଁ ସେ ଲେଉଟେ

www.jatayu.org

ପଦଧ୍ୱନି

କବି ରଘୁନାଥ ଦାସ

ନିର୍ଯାତନା ମଣି ତୁଚ୍ଛ, କମାଣରେ କରି ଉପହାସ,

ଗଣବଳେ ବଳୀୟାନ, ବିଜୟେ ଯା' ଅଟଳ ବିଶ୍ୱାସ,

ପଦେ ପଦେ ଘାତକର ବେୟୋନେଟ୍ କରିଛି ସାମ୍ନା,

ତଥାପି ଦଳି ଯେ ଚଳେ କାଳସର୍ପ ହଳାହଳ ଫଣା,

ନିଶ୍ଚିତ ଗତିର ତାଳେ ବଦ୍ଧମୁଷ୍ଟି ହାଣି ଊର୍ଦ୍ଧ୍ୱ ନଭେ,

ଜାଣେ ଜାଣେ ସେମାନେ ଆସିବେ।

ଶୁଣ ଶୁଣ ପଥେ ପଥେ ବାଜିଉଠେ ଶୁଭ ପଦଧ୍ୱନି

ଅଭିଯାତ୍ରୀ ଜନତାର...

ନୁହଁ ନୁହଁ ଅନ୍ୟର ସରଣୀ

ଏହା କେଉଁ।

ଶିଖିନି ଯେ ଚାଲିବାକୁ ସମଷ୍ଟି ମେଳରେ,

ହରିଣୀର ରକ୍ତ ପିଇ ଲାଞ୍ଜ ପିଟେ ଯେ ହିଂସ୍ର ଗହ୍ୱରେ,

ଜାଣେ ଜାଣେ ନୁହେଁ ଏହା ମାର୍ଗ ତା'ର;

ଏ ମାର୍ଗ ତାଙ୍କର

ଯାହାର ଚରଣପାତେ ଫୁଟିଉଠେ ହାସ୍ୟର କମଳ

www.jataayu.org

ପଦଧ୍ୱନି

କବି ରଘୁନାଥ ଦାସ

କୋଟି ମୁଖେ;

ଜୀବନକୁ ପୂର୍ଣ୍ଣ କରି ବସ୍ତୁର ପ୍ରାଚୁର୍ଯ୍ୟେ

ପ୍ରଦୀପର ମ୍ଳାନପାତ୍ରେ ନାହିଁ ଜଳି

ଆପଣାରେ ପ୍ରକଟିତ କରେ ଯେହୁ ସକାଳର ସୁର୍ଯ୍ୟେ,

କୋଟି ନିମନ୍ତ୍ରଣ ଯା'ର ଧରିତ୍ରୀ ସବୁଜ ଉତ୍ସବେ

ଜାଣେ ଜାଣେ ସେମାନେ ଆସିବେ।

(ସହକାର-୧୩୫୭ ଜ୍ୟେଷ୍ଠ, ଅଷ୍ଟମ ସଂଖ୍ୟାରେ ପ୍ରକାଶିତ)

www.jataayu.org